Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
KIIT DEEMED UNIVERSITY
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ବାର୍ଡ ଫ୍ଲୁ ଭୟ: ବିକ୍ରି ୭୫ ପ୍ରତିଶତ ହ୍ରାସ, ଏଫସିଆଇ ଜାଲିଆତି: ବିଭିନ୍ନ ସ୍ଥାନରେ ଚଢ଼ାଉ, ପ୍ରଥମ ଟେଷ୍ଟ ପାଇଁ ଭ

ତାରିଖ : ୨/୨୪/୨୦୦୬

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୦.୬ | ୩୯.୬ |
| କଟକ | ୧୭.୬ | ୩୯.୬ |
| ବାଲେଶ୍ୱର | ୧୮.୫ | ୩୬.୮ |
| ଗୋପାଳପୁର | ୨୧.୩ | ୩୩.୦ |
| ଝାରସୁଗୁଡ଼ା | ୧୮.୦ | ୩୭.୧ |

ବିତର୍କ/ମତାମତ ସଂଗ୍ରହ

ଜେସିକା ମର୍ଡର କେଶ୍ର ସମସ୍ତ ଅଭିଯୁକ୍ତ ଖଲାସ ହୋଇଯିବା ଦେଶର ତଦନ୍ତ ପ୍ରକ୍ରିୟା ପ୍ରତି ଏକ ଆହ୍ୱାନ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ମାମଲା, ୮ ସପ୍ତାହ ପରେ ଶୁଣାଣି

କଟକ,(ଇମିସ): ସୁପ୍ରିମ କୋର୍ଟଙ୍କ ହସ୍ତକ୍ଷେପ ପରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ) ସ୍ଥାନାନ୍ତର ମାମଲା ନୂଆ ମୋଡ଼ ନେଇଥିବାବେଳେ ଗତକାଲି ଓଡ଼ିଶା ହାଇକୋର୍ଟ ମାମଲାର ଶୁଣାଣିକୁ ୮ ସପ୍ତାହଯାଏ ସ୍ଥଗିତ ରଖିଛନ୍ତି । ସ୍ମରଣଯୋଗ୍ୟ, ଗତ ନଭେମ୍ବର ମାସ ୮ ତାରିଖରେ ମାନ୍ୟବର ହାଇକୋର୍ଟ ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ପ୍ରସ୍ତାବିତ ପ୍ରତିଷ୍ଠାନ ଭୁବନେଶ୍ୱରରୁ ଅନ୍ୟତ୍ର ପୂର୍ବାଞ୍ଚଳର କୌଣସି ସ୍ଥାନକୁ ଉଠିଯାଇ ପାରିବ ନାହିଁ ବୋଲି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଜାରି କରିବା ସହ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ । କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ଅନୁସଚିବ ପ୍ରେମ କୁମାର ଏ ସଂପର୍କରେ ହାଇକୋର୍ଟରେ ସତ୍ୟପାଠ ସମ୍ବଳିତ ଜବାବ ଦାଖଲ କରିବା ସହ ରହିତାଦେଶକୁ ଉଠାଇବା ନିମନ୍ତେ ଏବଂ କଲିକତାଠାରେ ଆଇଆଇଏସ୍ଇଆର୍ ପ୍ରତିଷ୍ଠାନ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଅଦାଲତଙ୍କ ଅନୁମତି ପାଇବା ନିମନ୍ତେ ପୃଥକ୍ ପୃଥକ୍ ଦୁଇଟି ମିସ୍କିଟିସନ୍ ଦାୟର କରିଥିଲେ । ପୁନଶ୍ଚ, କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମ କୋର୍ଟରେ ପିଟିସନ୍ ଦାୟର କରାଯିବା ପରେ କିଛି ଦିନ ତଳେ ମାନ୍ୟବର ସୁପ୍ରିମ କୋର୍ଟ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ । ସୁପ୍ରିମ କୋର୍ଟଙ୍କ ରହିତାଦେଶ ପରିପ୍ରେକ୍ଷୀରେ ଆଜି ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଇଥିଲା । ସୁପ୍ରିମକୋର୍ଟରେ ମାମଲାଟିର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୨୭ ତାରିଖକୁ ଧାର୍ଯ୍ୟ ହୋଇଥିବାରୁ ୮ ସପ୍ତାହଯାଏ ଶୁଣାଣିକୁ ସ୍ଥଗିତ ରଖିବାକୁ ମାନ୍ୟବର ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖନୀୟ, ଇତିମଧ୍ୟରେ ଆବେଦନକାରୀଙ୍କ ପକ୍ଷରୁ ଦୁଇଟି ମିସ୍କିଟିସନ୍ ଦାୟର କରାଯାଇ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମାମଲାରେ ପକ୍ଷଭୁକ୍ତ କରାଯିବାକୁ ଏବଂ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ ଓ ସ୍ଥାନାନ୍ତର ନେଇ କେନ୍ଦ୍ର, ରାଜ୍ୟ, ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ଯାବତୀୟ ପତ୍ରାଳାପ ଏବଂ ସରକାରୀ ନଥିପତ୍ର, କାଗଜାତ୍କୁ ଅଦାଲତରେ ଉପସ୍ଥାପନ କରାଯିବାକୁ ପ୍ରାର୍ଥନା କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମଧୁସୂଦନ ପଣ୍ଡା ଏହି ମୋକଦ୍ଦମା ପରିଚାଳନା କରୁଛନ୍ତି ।

ପୂର୍ବପୃଷ୍ଠା



ଭାରତୀୟ କ୍ରିକେଟ ଦଳରେ ନୂଆ ମୁହଁ ଲେଗ୍ ସ୍ପିନର ପୀୟୂଷ ଚାୱଲା ।

ଅନ୍ୟାନ୍ୟ ଖବର

- ଶିଳ୍ପାନୁଷ୍ଠାନଗୁଡ଼ିକରେ ଆଇଟିଆଇ ଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ: ମନ୍ତ୍ରୀ
- ଶିଳ୍ପାନୁଷ୍ଠାନଗୁଡ଼ିକରେ ଆଇଟିଆଇ ଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବ: ମନ୍ତ୍ରୀ
- କନିଆଁ ଫେରାର୍: ବରର ଥାନାରେ ଧାରଣା
- ଦଶପଲ୍ଲା: ଅଗ୍ନିକାଣ୍ଡରେ ୧୬ ବଖରା ଧ୍ୱଂସ
- ୧୨୫ ଜଣଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ
- ଜାମୁସାହିରେ ଔଷଧ ବୁଡ଼ା ମଶାରି ବଣ୍ଟନ ହେଲା
- କେନ୍ଦ୍ରାପଡ଼ା ଡାକ୍ତରଖାନାରେ ପୁଣି ଅକ୍ସିଜେନ୍ ସିଲିଣ୍ଡର ଫାଟିଲା
- ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଚୋରି
- ଚାଲାଣ ବେଳେ ୯୦ ଟନ୍ ଧାନ ଜବତ
- ଯୌନ ପିପାସୁ ଶ୍ୱଶୁର ବୋହୂର ପ୍ରାଣ ନେଲା
- ଗଁଦିଆ ବାଦ୍ ନିଷ୍ପତ୍ତି ଦୁର୍ଭାଗ୍ୟଜନକ
- ସିପିଏମର ବିଧାନସଭା ଅବରୋଧ ଆଜିଠାରୁ
- ପାଠ ଛାଡୁଥିବା ଯୁବ ଗୋଷ୍ଠୀଙ୍କୁ ବୈଷୟିକ ତାଲିମ
- ପରିବହନ ବନ୍ଦ ଆନ୍ଦୋଳନ ତୀବ୍ର ହେବ: ଏଆଇଟିୟୁସି
- ରେଡାଖୋଲ ଗୁଳିକାଣ୍ଡ ସରକାରଙ୍କ ବର୍ବର ତାର ଆଉ ଏକ ପ୍ରମାଣ
- ଯୌତୁକ ନିର୍ଯାତନା: ସ୍ୱାମୀ, ଶାଶୂ ଗିରଫ, ଦେଢ଼ଶୁର, ଦିଅର ଓ ନଣନ୍ଦ ଫେରାର୍

- ଅନାହାରରେ ଗୀତାରାଣୀ
- ଅନାହାରରେ ଗୀତାରାଣୀ

Copyright © 2001 orissasambad.com

Site Developed by : www.wayindia.com